# REGIONAL NEWS UNIT, AIR CUTTACK

## Midday Bulletin (2.32PM)

**29 May - 2026**

***********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଏସ୍.ଆଇ.ଆର୍ ପ୍ରକ୍ରିୟା ।
  - ୩୮ ହଜାରରୁ ଊର୍ଦ୍ଧ୍ୱ ବୁଥ୍‌ସ୍ତରୀୟ ଅଧିକାରୀ କରିବେ ମତଦାତାଙ୍କ ତଥ୍ୟ ସଂଗ୍ରହ ।
- ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଦେଶର ୪୦ ଲକ୍ଷ ପରିବାର ଲାଭାନ୍ୱିତ ।
- ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରଭାବରେ ଆସନ୍ତା ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ସ୍ୱାଭାବିକଠାରୁ କମ୍ ବର୍ଷା ନେଇ ପାଣିପାଗ ବିଭାଗର ସୂଚନା ।

ଏବଂ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତା ବୁଧବାର ଅନୁଷ୍ଠିତ ହେବ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ।

# ଏସ୍.ଆଇ.ଆର୍.

ରାଜ୍ୟରେ ଆସନ୍ତାକାଲିଠାରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍.ଆଇ.ଆର୍. ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଏହା ପୂର୍ବରୁ ଆଜି ଭୁବନେଶ୍ୱରଠାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଏସ୍.ଆଇ.ଆର୍. ପ୍ରକ୍ରିୟାରେ ୩୮ ହଜାର ୧୨୩ ଜଣ ବୁଥ୍‌ସ୍ତରୀୟ ଅଧିକାରୀ-ବିଏଲ୍‌ଓ ଘରକୁ ଘର ବୁଲି ମତଦାତାଙ୍କ ତଥ୍ୟ ଯାଞ୍ଚ୍ କରିବେ । ସେମାନଙ୍କୁ ସହଯୋଗ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୨୭ ହଜାରରୁ ଊର୍ଦ୍ଧ୍ୱ ବୁଥ୍‌ସ୍ତରୀୟ କର୍ମକର୍ତ୍ତା ନିୟୋଜିତ ହୋଇଛନ୍ତି। 'ବିଏଲ୍‌ଓ'ଙ୍କ ଜରିଆରେ ଜନସାଧାରଣ ଭୋଟର ଆଇଡିର ସଂଶୋଧନ କରିପାରିବେ। ବର୍ତ୍ତମାନ ସୁଦ୍ଧା ୩ କୋଟି ୧୬୩ ହଜାର ୩୨୩ ଜଣ ଭୋଟରଙ୍କ ମ୍ୟାପିଂ ଶେଷ ହୋଇଛି। ପ୍ରତ୍ୟେକ ଭୋଟରଙ୍କୁ ୨ଟି ଫର୍ମ ଦିଆଯିବ। ଏସ୍.ଆଇ.ଆର୍. ପ୍ରକ୍ରିୟା ଆସନ୍ତା ମାସ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରୀ ଗୋପାଳନ୍ କହିଛନ୍ତି।

**- V/O -**

ଜନଗଣନା ପାଇଁ ଚାଲିଥିବା ଘର ଗଣନା ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ସମୟସୂଚୀ ନିର୍ଦ୍ଧାରିତ କରାଯାଇଛି। ଅଣଭାରତୀୟମାନଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିବା ନେଇ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ମତଦାତାମାନେ ନିର୍ବାଚନ ଆୟୋଗଙ୍କ ୱେବସାଇଟ୍

voter.eci.gov.inରୁ ଫର୍ମ ଡାଉନଲୋଡ କରିପାରିବେ। ଏହି ଫର୍ମକୁ ପୂରଣ କରି ପୋର୍ଟାଲ ମାଧ୍ୟମରେ ଅନଲାଇନ ଅପଲୋଡ କରିପାରିବେ। ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲ୍‌ଓ ସମ୍ପୃକ୍ତ ଭୋଟରମାନଙ୍କୁ ସହାୟତା ଯୋଗାଇଦେବେ।

Nabarangpur, Ganjam, Gajapati

## ଏସ୍‌.ଆଇ୍‌.ଆର୍‌

ନବରଙ୍ଗପୁର ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌.ଆଇ.ଆର୍‌ କାର୍ଯକ୍ରମ ଆଜିଠାରୁ ଆରମ୍ଭ ହୋଇଛି। ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଜିଲ୍ଲାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ସ୍ୱାଇଁ କହିଛନ୍ତି, ଏସ୍‌.ଆଇ.ଆର୍‌ ପ୍ରକିୟାରେ ଯୋଗ୍ୟ ନାଗରିକଙ୍କ ନାମ ଅନ୍ତର୍ଭୁକ୍ତ ଓ ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ସଂଶୋଧନ କାର୍ଯ୍ୟକୁ ସ୍ୱଚ୍ଛ, ନିରପେକ୍ଷ ଓ ସମୟାନୁସାରେ ସମ୍ପନ୍ନ କରିବା ପାଇଁ ଜିଲ୍ଲାର ସମସ୍ତ ମତଦାତା, ରାଜନୈତିକ ଦଳ, ଗଣମାଧ୍ୟମ ଓ ନାଗରିକଙ୍କ ସହଯୋଗ ଜିଲ୍ଲାପାଳ କାମନା କରିଛନ୍ତି। ଏହି ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି।

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସଚେତନତା ପଦଯାତ୍ରାକୁ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍‌

ଉଦ୍‌ଘାଟନ କରିଥିଲେ। ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଏସ୍.ଆଇ.ଆର୍ ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ତ୍ରୁଟିମୁକ୍ତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ୍-ଫ୍ରି ନମ୍ବର ଜାରି କରାଯାଇଛି।

ଗଜପତି ଜିଲ୍ଲା କାଶୀନଗର ସଭାଗୃହରେ ଏସ୍.ଆଇ.ଆର୍ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଶୀନଗର ଏନ୍.ଏ.ସି. ଓ ବ୍ଲକ ଅଞ୍ଚଳର ୬୮ ଜଣ ବିଏଲ୍‌ଓ ଓ ୭ ଜଣ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

Desk

# ପିଏମ୍ ସୂର୍ଯ୍ୟଘର

ସ୍ୱଚ୍ଛ ଶକ୍ତି ଯାତ୍ରାରେ ଭାରତ ଐତିହାସିକ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଦେଶର ୪୦ ଲକ୍ଷ ପରିବାର ଛାତ ଉପରେ ସୌରଶକ୍ତି ବ୍ୟବସ୍ଥା କରିଛନ୍ତି । ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି, ଯୋଜନାରେ ନାଗରିକମାନେ ଶକ୍ତି ଉପଭୋକ୍ତା ସହ ଶକ୍ତି ଉତ୍ପାଦକ ମଧ୍ୟ ହୋଇପାରିଛନ୍ତି । ପରିବାରଗୁଡ଼ିକର ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ ପାଇଛି ଏବଂ ସରକାରଙ୍କଠାରୁ

ରିହାତି ପାଇବା ପରେ ସେମାନଙ୍କର ବିଦ୍ୟୁତ୍ ବିଲ୍ ଅଧିକାଂଶ କ୍ଷେତ୍ରରେ ଶୂନ୍ୟସ୍ତରରେ ପହଞ୍ଚିଛି । ସୂର୍ଯ୍ୟଶକ୍ତି ସଂପନ୍ନ ଘରଗୁଡ଼ିକ ଦେଶରେ ଶକ୍ତି ସୁରକ୍ଷା ପରିବେଶ ସନ୍ତୁଳନ ଏବଂ ବିକଶିତ ଭାରତ ଦିଗରେ ଆତ୍ମନିର୍ଭରଶୀଳତାର ପ୍ରଦର୍ଶନ କରୁଛି ବୋଲି ମନ୍ତ୍ରୀ କହିଛନ୍ତି ।

Desk

# ଉପମୁଖ୍ୟମନ୍ତ୍ରୀ-ଯୋଗ

ଶାରୀରିକ ସୁସ୍ଥତା, ମାନସିକ ଏକାଗ୍ରତା ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଯୋଗ ଏବଂ ପ୍ରାଣାୟାମର ଅଭ୍ୟାସ ଅତ୍ୟନ୍ତ ଜରୁରୀ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱରଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ-୨୦୨୬ ଅଧିନରେ ଆୟୋଜିତ ପୁରୀ ଜିଲ୍ଲା ପ୍ରଶିକ୍ଷଣ ବର୍ଗରେ ସାମିଲ ହୋଇ ଯୋଗ ଓ ପ୍ରାଣାୟାମର ଅଭ୍ୟାସ କରିଛନ୍ତି ।

Desk

# ଆଇଏମ୍‌ଡି ମନ୍‌ସୁନ୍

ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ପ୍ରଭାବରେ ଆସନ୍ତା ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ଦେଶରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ନୂଆଦିଲ୍ଲୀରେ ଆଜି ଚଳିତବର୍ଷର ମୌସୁମୀ ଋତୁ ସମ୍ପର୍କରେ ଅନୁଷ୍ଠିତ

ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ ଭୂ-ବିଜ୍ଞାନ ମନ୍ତ୍ରଣାଳୟ ସଚିବ ଡକ୍ଟର ଏମ୍. ରବିଚନ୍ଦ୍ରନ୍ କହିଛନ୍ତି ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଜନିତ ବର୍ଷା ପରିମାଣ ୯୦ ପ୍ରତିଶତ ରହିବ। ମୌସୁମୀ ଋତୁରେ ଏଲ୍‌ନିନୋ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି।

ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଆସନ୍ତା ଜୁନ୍ ମାସରେ ଦେଶରେ ସ୍ୱାଭାବିକଠାରୁ କମ୍ ପରିମାଣର ବର୍ଷାର ପୂର୍ବାନୁମାନ କରାଯାଇଥିବା ବେଳେ ଓଡ଼ିଶାରେ ଜୁନ୍‌ମାସରେ ସ୍ୱାଭାବିକଠାରୁ ୯୨ ପ୍ରତିଶତ କମ୍ ବର୍ଷା ହେବାର ସମ୍ଭାବନା ରହିଛି। ଏଲ୍‌ନିନୋ ସ୍ଥିତିରେ ପରିବର୍ତ୍ତନ ଦେଖିବାକୁ ମିଳୁଥିବାରୁ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରରେ ଗ୍ରୀଷ୍ମପ୍ରବାହ ସତର୍କତା ଜାରି କରାଯାଇଛି।

ସେହି ସମୟ ମଧ୍ୟରେ ଉତ୍ତର-ପଶ୍ଚିମ, ଉତ୍ତର-ପୂର୍ବ ଏବଂ ଦକ୍ଷିଣ ପେନିନ୍‌ସୁଲାର ଅଞ୍ଚଳରେ ସ୍ୱାଭାବିକ କିମ୍ବା ତା'ଠାରୁ ଅଧିକ ପରିମାଣର ବର୍ଷା ହେବାର ସମ୍ଭାବନା ରହିଛି। ୨୦୩୦ ମସିହା ସୁଦ୍ଧା ବିଶ୍ୱରେ ପ୍ରବଳ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବ ବୋଲି ବିଶ୍ୱ ପାଣିପାଗ ସଂଗଠନ ପକ୍ଷରୁ କୁହାଯାଇଛି। ୨୦୨୬ରୁ ୨୦୩୦ ମସିହା ମଧ୍ୟରେ ପ୍ରତିବର୍ଷ ହାରାହାରି ବିଶ୍ୱ ତାପମାତ୍ରା ୧୮୫୦ ମସିହାରୁ ୧୯୦୦ ମସିହା ତୁଳନାରେ ୧ ଦଶମିକ ୩ ଡିଗ୍ରୀରୁ ୧ ଦଶମିକ ୯ ଡିଗ୍ରୀ ସେଲସିୟସ ଅଧିକା ରହିବ।

**V/O**

ଗ୍ରୀଷ୍ମପ୍ରବାହ ଓ ଜଳସଙ୍କଟର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତ ରହିବାକୁ ରାଜ୍ୟ ସରକାର ଓ ଜିଲ୍ଲାପ୍ରଶାସନକୁ ପରାମର୍ଶ ଦିଆଯାଇଛି । ପ୍ରଚଣ୍ଡ ଖରାରେ ବାହାରକୁ ନ ଯିବା, ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ଓ ଶିଶୁ ତଥା ବୟସ୍କମାନଙ୍କ ଯତ୍ନ ନେବାକୁ କୁହାଯାଇଛି । ପାଣିପାଗ କେନ୍ଦ୍ରର ଏଭଳି ଆକଳନ ପରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ପ୍ରତିକ୍ରିୟାରେ କହିଛନ୍ତି –

**V/O**

HS

## କ୍ୟାବିନେଟ୍ ବୈଠକ

ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତା ବୁଧବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ଭୁବନେଶ୍ୱର ଲୋକସେବା ଭବନରେ ହେବାକୁ ଥିବା ବୈଠକରେ ୧୨ଟି ପ୍ରସ୍ତାବ ଉପରେ ଆଲୋଚନା କରାଯିବ । ମନ୍ତ୍ରୀପରିଷଦର ସଦସ୍ୟ ଓ ବିଭାଗୀୟ ସଚିବମାନେ ଏଥିରେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି ।

Desk

## ଜୟନ୍ତୀ ରଥଙ୍କ ପରଲୋକ

ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶିକା ଜୟନ୍ତୀ ରଥଙ୍କର ଆଜି ସକାଳେ ୭୦ ବର୍ଷ ବୟସରେ ପରଲୋକ ଘଟିଛି । ସେ ଜଣେ ଦକ୍ଷ ପ୍ରଶାସକ ଓ ସଫଳ ପ୍ରସାରଣ ବ୍ୟକ୍ତିତ୍ୱ ଭାବେ ପରିଚିତ

ଥିଲେ। ପ୍ରସାର ଭାରତୀରେ ବିଭିନ୍ନ ପଦପଦବୀରେ ସେ ସଫଳତାର ସହ କାର୍ଯ୍ୟ କରିଥିଲେ। ସେ ସାହିତ୍ୟ ଅନୁରାଗୀ ଓ ଜଣେ ପ୍ରବୀଣ ବକ୍ତା ମଧ୍ୟ ଥିଲେ। ଦୂରଦର୍ଶନରେ ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ ଶ୍ରୀମତୀ ରଥ ନୂତନ କାର୍ଯ୍ୟକ୍ରମ ପରିକଳ୍ପନା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ଗଣମାଧ୍ୟମ ସମେତ ବିଭିନ୍ନ ବର୍ଗର ଜନସାଧାରଣ ଗଭୀର ଶୋକପ୍ରକାଶ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରଠାରେ ଆଜି ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ।

Boudh

## ସଭର୍‌କରଙ୍କ ଜନ୍ମଦିବସ

କେନ୍ଦ୍ର ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ପକ୍ଷରୁ ବୌଦ୍ଧଠାରେ ବିନାୟକ ଦାମୋଦର ସଭରକର୍‌ଙ୍କ ୧୪୩ତମ ଜୟନ୍ତୀ ପାଳିତ ହୋଇଛି। ଜିଲ୍ଲା ଏଏନ୍‌ଏମ୍ କେନ୍ଦ୍ର ପରିସରରେ ଅନୁଷ୍ଠିତ ସଭାରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ମିଶ୍ର ଯୋଗଦେଇ ରାଷ୍ଟ୍ର ସେବା ଉପରେ ମତବ୍ୟକ୍ତ କରିଥିଲେ।

Boudh

## ଜିଲ୍ଲାପରିଷଦ ବୈଠକ

ବୌଦ୍ଧ ଜିଲ୍ଲାପରିଷଦ ବୈଠକ ସ୍ଥାନୀୟ ପଞ୍ଚାୟତ ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବିଧାୟକ

ସରୋଜ କୁମାର ପ୍ରଧାନ, କହ୍ନାଇ ଚରଣ ଡାଙ୍ଗ, ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଜିଲ୍ଲାର ଉନ୍ନୟନ ପାଇଁ ବିଭିନ୍ନ ପ୍ରସ୍ତାବର ଉପସ୍ଥାପନ କରିଥିଲେ। ରୋଜଗାର ସୃଷ୍ଟି ପାଇଁ ଏକ ଇନଭେଷ୍ଟର ମିଟ୍'ର ଆୟୋଜନ ଓ ଶ୍ରମଭିତ୍ତିକ ଶିଳ୍ପସଂସ୍ଥା ସ୍ଥାପନ ପାଇଁ ବିଧାୟକ ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଥିଲେ।

Kalahandi

## ସାମ୍ବାଦିକ ସମ୍ମିଳନୀ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସର୍କିଟ ହାଉସ୍‌ଠାରେ ବିଜେପି କୃଷକ ମୋର୍ଚ୍ଚାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ମଣ୍ଡି ସମସ୍ୟା ଓ ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ରାଜ୍ୟ ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପୃଷ୍ଟି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।